بسم الله الرحمن الرحيم

**ଖୁତବା ଜୁମା ୧୬ ଅକ୍ଟୋବର ୨୦୨୦ର ସାରାଂଶ**

**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍, ବ୍ରିଟେନ୍**

# *ଆଁହଜ୍‌ରତ୍ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସମ୍ପନ୍ନ ବଦରୀ ସାହାବୀ ହଜ୍‌ରତ୍ ମୁଅଵ୍ୱଜ୍ ବିନ୍ ହାରିସ୍ ଏବଂ ହଜ୍‌ରତ ଉବୈ ବିନ୍ କାଆବ୍ ର.ଅଙ୍କ ପ୍ରଶଂସନୀୟ ଗୁଣାବଳୀର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।*

**ଅଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଅମ୍ମା ବାଦ୍‌ଫାଉଜୁ ବିଲ୍ଲାଃହି ମିନଶ୍ ଶୈତାନ୍ ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହ୍‌ମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍ତକିମ୍ ସିରାତଲ୍ ଲଜ଼ିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଅଲୈହିମ୍ ୱଲଜ୍ୱାଲ୍‌ଲିନ୍ ।**

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି ଅନ୍ତେ ହୁଜୁର ଅନୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ ଆଜି ଯେଉଁ ସାହାବୀଙ୍କ ଚର୍ଚ୍ଚା କରିବି ତାଙ୍କ ନାମ ହେଲା ହଜ଼ରତ ମୁଅୱଜ଼୍ ବିନ୍ ହାରିସ୍ ର.ଅ । ତାଙ୍କର ସଂପର୍କ ଅନସାର୍‌ର ବନୁ ଖଜ଼ରଜ୍ ସଂପ୍ରଦାୟ ସହିତ ଥିଲା । ହଜ଼ରତ ମୁଅୱଜ଼୍ ର.ଅ ଏବଂ ହଜ଼ରତ ଔଫ୍ ର.ଅ ତାଙ୍କର ଦୁଇ ଭାଇ ଥିଲେ । ଏହି ତିନି ଜଣଙ୍କୁ ବନୁ ଇଫ୍ରା ମଧ୍ଯ କୁହାଯାଏ । ଇବ୍‌ନେ ଇସ୍‌ହାକ୍ ବର୍ଣ୍ଣନା କରିଛନ୍ତି ଯେ, ହଜ଼ରତ ମୁଅୱଜ଼୍ ର.ଅ ୭୦ ଜଣ ଅନସାର୍‌ମାନଙ୍କ ସହିତ ବୈଅତେ ଅକ୍‌ବା ସାନିୟାରେ ସାମିଲ ହୋଇଥିଲେ । ହଜ଼ରତ ମୁଅୱଜ଼୍ ର.ଅଙ୍କୁ ନିଜର ଦୁଇ ଭାଇ ହଜ଼ରତ ମୁଆଜ଼୍ ଓ ହଜ଼ରତ ଔଫ୍ ର.ଅଙ୍କ ସହିତ ବଦର୍ ଯୁଦ୍ଧରେ ସାମିଲ ହେବାର ସୌଭାଗ୍ୟ ଅର୍ଜନ ହୋଇଥିଲା ।

ହଜ଼ରତ ଅନସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଆଁହଜ଼ରତ ସ.ଅ ବଦର୍ ଯୁଦ୍ଧ ଦିନ କହିଲେ ଅବୁ ଜହଲ୍‌ର କ'ଣ ଅବସ୍ଥା ହୋଇଛି କିଏ ସୂଚନା ଆଣିବ ? ହଜ଼ରତ ଇବ୍‌ନେ ମସ୍‌ଉଦ୍ ର.ଅ ଗଲେ ଏବଂ ଦେଖିଲେ ଯେ, ତାହାକୁ ଇଫ୍ରାର ଦୁଇ ପୁତ୍ର ଖଡ଼୍‌ଗ ଦ୍ୱାରା ଏଭଳି ନିର୍ମମ ଭାବରେ ମାରିଛନ୍ତି ଯେ, ସେ ମୃତ୍ୟୁର ନିକଟବର୍ତ୍ତୀ ହୋଇଯାଇଛି । ପରେ ହଜ଼ରତ ଅବ୍‌ଦୁଲ୍ଲାଃ ଇବ୍‌ନେ ମସ୍‌ଉଦ୍ ର.ଅ ତାହାର ସ୍କନ୍ଧଚ୍ୟୁତ କରିଥିଲେ । ବଦର୍ ଯୁଦ୍ଧ ଅବସରରେ ହଜ଼ରତ ମୁଅୱଜ଼୍ ଲଢୁଥିବା ଅବସ୍ଥାରେ ବୀରଗତି ପ୍ରାପ୍ତ କରିଥିଲେ । ଅବୁ ମୁସାଫେହ୍ ତାଙ୍କୁ ଶହୀଦ୍ କରିଥିଲା ।

ହୁଜୁର ଅନୱର୍ ଅ.ବ କହିଲେ ପରବର୍ତ୍ତୀ ସାହାବି ଯାହାଙ୍କର ଚର୍ଚ୍ଚା ହେବ ସେ ହେଉଛନ୍ତି ହଜ଼ରତ ଉବୈ ବିନ୍ କାଆବ୍ ର.ଅ । ହଜ଼ରତ ଉବୈ ବିନ୍ କାଆବ୍ ର.ଅଙ୍କ ସଂପର୍କ ଅନସାର୍‌ର ବନୁ ଖଜ଼ରଜ୍‌ର ମୁଆୱିୟା ଶାଖା ସହିତ ଥିଲା । ହଜ଼ରତ ଉବୈ ବିନ୍ କାଆବ୍ ର.ଅ ମଧ୍ୟମ ଉଚ୍ଚତା ସଂପନ୍ନ ବ୍ୟକ୍ତି ଥିଲେ । ହଜ଼ରତ ଉବୈ ବିନ୍ କାଆବ୍ ର.ଅ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବା ପୂର୍ବରୁ ମଧ୍ଯ ଲେଖା ପଢା ଜାଣିଥିଲେ । ହଜ଼ରତ ଉବୈ ବିନ୍ କାଆବ୍ ର.ଅଙ୍କୁ ଆଁହଜ଼ରତ ସ.ଅଙ୍କ ଉପରେ ଅବତୀର୍ଣ୍ଣ ହୋଇଥିବା ଐଶୀବାଣୀ ଲେଖିବାର ମଧ୍ଯ ସୌଭାଗ୍ୟ ଅର୍ଜନ ହୋଇଛି । ଆଁହଜ଼ରତ ସ.ଅ କହିଲେ ମୋ ଉମ୍ମତ୍‌ରେ (ସମ୍ପ୍ରଦାୟ) ସର୍ବ

ବୃହତ କାରୀ (କୁରଆନ ପଠନକାରୀ) ହେଉଛନ୍ତି ହଜ଼ରତ ଉବେି ବିନ୍ କାଆବ୍ ର.ଅ । ହଜ଼ରତ ମୁସ୍‌ଲେହ୍ ମଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ହଜ଼ରତ ଉବେି ବିନ୍ କାଆବ୍ ର.ଅ ସେହି ଚାରି ଜଣ ଲୋକମାନଙ୍କ ମଧ୍ୟରୁ ଜଣେ ଅଟନ୍ତି ଯାହାଙ୍କ ବିଷୟରେ ଆଁହଜ଼ରତ ସ.ଅ କହିଥିଲେ ଯେ, ଏ ହେଉଛନ୍ତି କରାଏ ଉମ୍ମତ୍ । ଅର୍ଥାତ ଯଦି କୌଣସି ବ୍ୟକ୍ତି କୁରଆନ କରୀମ୍ ଶିକ୍ଷାଲାଭ କରିବାକୁ ଇଚ୍ଛୁକ ତେବେ ସେ ଉବେି ବିନ୍ କାଆବ୍ ର.ଅଙ୍କ ଠାରୁ ଶିକ୍ଷା ନେଉ । ସେ ସେହି ୧୫ ଜଣ ସାହାବାମାନଙ୍କ ମଧ୍ୟରୁ ଜଣେ ଥିଲେ ଯାହାଙ୍କୁ ଆଁହଜ଼ରତ ସ.ଅ କୁରଆନ କରୀମ୍ ଲେଖିବା ପାଇଁ କହୁଥିଲେ ।

ହଜ଼ରତ ଅନସ୍ ବିନ୍ ମାଲିକ୍ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ ଉବେି ବିନ୍ କାଆବ୍ ର.ଅଙ୍କୁ କହିଲେ ଯେ, ଅଲ୍ଲାଃତାଲା ମୋତେ ଏହି ଆଦେଶ ଦେଇଛନ୍ତି ଯେ, ମୁଁ ତୁମକୁ ସୁରା لَمْ يَكُنِ الَّذِيْنَ كَفَرُوْا مِنْ أَهْلِ الْكِتٰبِ ଆବୃତ୍ତି କରି ଶୁଣାଇବି । ହଜ଼ରତ ଉବେି ବିନ୍ କାଆବ୍ ର.ଅ ପଚାରିଲେ କ'ଣ ଅଲ୍ଲାଃତାଲା ଆପଣଙ୍କ ନିକଟରେ ମୋର ନାମ ଧରିଥିଲେ ? ଆଁହଜ଼ରତ ସ.ଅ ଉତ୍ତର ଦେଲେ ହଁ । ହଜ଼ରତ ଉବେି ବିନ୍ କାଆବ୍ ର.ଅ ଏହା ଶୁଣି ତାଙ୍କ ଚକ୍ଷୁରୁ ଅଶ୍ରୁ ଧାର ବହି ପଡ଼ିଲା ।

ହଜ଼ରତ ଅନସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଆଁହଜ଼ରତ ସ.ଅଙ୍କ କାଳରେ ୪ ଜଣ ବ୍ୟକ୍ତି ସଂପୂର୍ଣ୍ଣ କୁରଆନ୍ କରୀମ ମୁଖସ୍ଥ କରିଥିଲେ । ଏହି ସମସ୍ତ ୪ ଜଣ ବ୍ୟକ୍ତି ଅନସାରୀ ଥିଲେ । ହଜ଼ରତ ଉବେି ବିନ୍ କାଆବ୍ ର.ଅ, ହଜ଼ରତ ମୁଆଜ଼୍ ବିନ୍ ଜବଲ୍ ର.ଅ, ହଜ଼ରତ ଅବୁ ଜ଼ୈଦ୍ ର.ଅ ଏବଂ ହଜ଼ରତ ଜ଼ୈଦ୍ ବିନ୍ ସାବିତ୍ ର.ଅ ଆଦି ସାହାବାମାନେ କୁରଆନ କରୀମ୍ ମୁଖସ୍ଥ କରିଥିଲେ ।

ଆଁହଜ଼ରତ ସ.ଅ କହିଲେ ଯେ, ମୋର ଉମ୍ମତ୍‌ରେ ସବୁଠୁ ଉତ୍ତମ କିରଅତ୍ ଜାଣିଥିବା ବ୍ୟକ୍ତି ହେଉଛନ୍ତି ହଜ଼ରତ ଉବେି ବିନ୍ କାଆବ୍ ର.ଅ । ଆଁହଜ଼ରତ ସ.ଅଙ୍କ ମଦିନା ଆଗମନରେ ସର୍ବପ୍ରଥମେ ଆଁହଜ଼ରତ ସ.ଅଙ୍କ ଐଶୀବାଣୀ ଉଲ୍ଲେଖକାରୀ ହଜ଼ରତ ଉବେି ବିନ୍ କାଆବ୍ ର.ଅ ଥିଲେ । ହଜ଼ରତ ଉବେି ବିନ୍ କାଆବ୍ ର.ଅ କରୁଆନ କରୀମ୍‌ର ଅକ୍ଷର ଅକ୍ଷର ଆଁହଜ଼ରତ ସ.ଅଙ୍କ ପବିତ୍ର ତୁଣ୍ଡରୁ ଶୁଣି ମୁଖସ୍ଥ କରି ନେଇଥିଲେ । ଆଁହଜ଼ରତ ସ.ଅ ମଧ୍ୟ ତାଙ୍କର ଏହିଭଳି ଅଭିରୁଚିକୁ ଦେଖି ତାଙ୍କ ଶିକ୍ଷା ପ୍ରତି ବିଶେଷ ଧ୍ୟାନ ଦେଉଥିଲେ । ଏକଦା ଆଁହଜ଼ରତ ସ.ଅ ନମାଜ଼ ଫଜର ପଢେଇଲେ ଏବଂ ସେହି ନମାଜ଼ରେ ଆଁହଜ଼ରତ ସ.ଅ ଗୋଟିଏ ଆୟତ ପଢିବା ଭୁଲିଗଲେ । ନମାଜ଼ ଶେଷ ପରେ ଆଁହଜ଼ରତ ସ.ଅ ଲୋକମାନଙ୍କୁ ପଚାରିଲେ ଯେ, ତୁମମାନଙ୍କ ମଧ୍ୟରୁ କିଏ ମୋର କିରଅତ୍ (ପଠନ ଶୈଳୀ) ଉପରେ ଧ୍ୟାନ ଦେଇଛି ? ସମସ୍ତ ଲୋକମାନେ ନିରବ ରହିଲେ । ହଜ଼ରତ ଉବେି ବିନ୍ କାଆବ୍ ର.ଅ କହିଲେ ହେ ଅଲ୍ଲାଃଙ୍କ ରସୁଲ ! ଆପଣ ଅମୁକ ଆୟତଟି ପଢି ନାହାନ୍ତି କ'ଣ ତାହା ରଦ୍ଦ ହୋଇଯାଇଛି ଅବା ଆପଣ ପଢିବାକୁ ଭୁଲି ଯାଇଛନ୍ତି ? ଆଁହଜ଼ରତ ସ.ଅ କହିଲେ ନାହିଁ । ମୁଁ ପଢିବାକୁ ଭୁଲି ଯାଇଥିଲି । ଏହାପରେ ଆଁହଜରତ ସ.ଅ ହଜ଼ରତ ଉବେି ବିନ୍ କାଆବ୍ ର.ଅଙ୍କୁ ସମ୍ବୋନ୍ଧିତ କରି କହିଲେ ଯେ, ମୁଁ ଜାଣିଥିଲି ଯେ, ତୁମ ବ୍ୟତୀତ ଅନ୍ୟ କାହାରିକୁ ଏଥିପ୍ରତି ଧ୍ୟାନ ଆସି ନଥିବ ।

ହଜ଼ରତ ଉବେି ବିନ୍ କାଆବ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରୀମ୍ ସ.ଅ ମୋତେ କହିଲେ ଯେ, ହେ ଉବେି ବିନ୍ କାଆବ୍ ! ମୋତେ ସନ୍ଦେଶ ପ୍ରେରଣ କରାଗଲା ଯେ, ମୁଁ କରୁଆନ୍ କରୀମ୍‌କୁ ଗୋଟିଏ କିର୍‌ଅତରେ ହିଁ ପଢିବି । ମୁଁ ତାହାର ଉତ୍ତରରେ ଏହା କହିଲି ଯେ, ମୋର ଉମ୍ମତ୍ ପାଇଁ ସରଳ ମାର୍ଗ ଉପୃନ୍ନ

କରି ଦିଅନ୍ତୁ । ସୁତରାଂ ସେ ମୋତେ ଦ୍ୱିତୀୟ ଥର ଏହି ଉତ୍ତରଟି ଦେଲେ ଯେ, ମୁଁ କୁରଆନ କରୀମ୍‌କୁ ଦୁଇଟି କିରଅତ୍‌ରେ ପଢିବ । ପୁନଶ୍ଚ ମୁଁ କହିଲି ଯେ, ମୋ ଉମ୍ମତ୍ ପାଇଁ ସହଜତା ସୃଷ୍ଟି କରିଦିଅ । ସେ ପୁନଶ୍ଚ ତୃତୀୟ ଥର ପାଇଁ ମୋତେ ଉତ୍ତର ଦେଲେ ଯେ, ମୁଁ ୭ଟି କରିଅତ୍ ଅନୁଯାୟୀ ପଢିନେବି । ଅତଃ ପୁନଶ୍ଚ ମୋତେ କୁହାଗଲା ଯେ ତୁମକୁ ତୁମର ପ୍ରତ୍ୟେକ ପ୍ରଶ୍ନର ପ୍ରତିବଦଳରେ ଗୋଟିଏ ଦୁଆ ମାଗିବାର ଅଧିକାର ପ୍ରଦାନ କରାଯାଇଛି । ଯାହାକୁ ତୁ ମୋତେ ମାଗି ପାରିବୁ । ତେବେ ମୁଁ କହିଲି ଯେ, ହେ ଅଲ୍ଲାଃ ମୋର ଉମ୍ମତ୍‌କୁ କ୍ଷମା କରିଦିଅ ଏବଂ ତୃତୀୟ ଦୁଆ ମୁଁ ସେହି ଦିନ ପାଇଁ ଛାଡ଼ିଅଛି ଯେଉଁଦିନ ସମସ୍ତ ଜୀବ ମୋ ଆଡ଼କୁ ମୁହାଁଇବେ ଏପରିକି ହଜ଼ରତ ଇବ୍ରାହିମ୍ ଅ.ସ ମଧ୍ୟ ମୋ ନିକଟକୁ ଆସିବେ ।

ହଜ଼ରତ ଉବେଁ ବିନ୍ କାଆବ୍ ର.ଅଙ୍କୁ କିରଅତ୍‌ରେ ଯେଉଁ ଅଭିଜ୍ଞତା ପ୍ରାପ୍ତ ଥିଲା ତାହାର ଅନୁମାନ ଏଇଥିରୁ ସ୍ପଷ୍ଟ ରୂପେ କରାଯାଇ ପାରେ ଯେ, ଆଁହଜ଼ରତ ସ.ଅ ସ୍ୱୟଂ ତାଙ୍କୁ କୁରଆନ କରୀମ୍‌ର ଦୌର୍ ସଂପୂର୍ଣ୍ଣ କରାଉଥିଲେ । ସୁତରାଂ ଯେଉଁ ବର୍ଷ ଆପଣଙ୍କର ବିୟୋଗ ହୋଇଥିଲା ହଜ଼ରତ ଉବେଁ ବିନ୍ କାଆବ୍ ର.ଅଙ୍କୁ କୁରଆନ ଶୁଣାଇଲେ ଏବଂ କହିଲେ ମୋତେ ଜିବ୍ରାଇଲ୍ ଅ.ସ କହିଥିଲେ ଯେ, ଉବେଁ ବିନ୍ କାଆବ୍ ର.ଅଙ୍କୁ କୁରଆନ ଶୁଣେଇ ଦିଅନ୍ତୁ ।

ହଜ଼ରତ ଉବେଁ ବିନ୍ କାଆବ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲ କରୀମ୍ ସ.ଅ କହିଲେ ହେ ଅବୁ ମୁନ୍‌ଜ଼ିର୍ କ'ଣ ତୁମକୁ ଜ୍ଞାତ ଅଛି ଯେ, ଅଲ୍ଲାଃତାଲାଙ୍କ ପୁସ୍ତକରେ ଯାହା ତୁମ ନିକଟରେ ରହିଛି ସବୁଠାରୁ ମହାନ୍ ଆୟତଟି କ'ଣ ? ହଜ଼ରତ ଉବେଁ ବିନ୍ କାଆବ୍ ର.ଅ କହିଲେ ଅଲ୍ଲାଃତାଲା ଏବଂ ତାଙ୍କର ବାର୍ତ୍ତାବହ ଭଲ ଭାବରେ ଜାଣନ୍ତି । ହୁଜ଼ୁର ସ.ଅ ପୁନର୍ବାର ପ୍ରଶ୍ନ କଲେ କ'ଣ ତୁମେ ଜାଣ ଯେ, ଅଲ୍ଲାଃତାଲାଙ୍କ ପୁସ୍ତକରେ ଯାହାକି ତୁମ ନିକଟରେ ରହିଛି ସର୍ବଶ୍ରେଷ୍ଠ ଆୟତ୍ କେଉଁଟି ? ସେ କହନ୍ତି ମୁଁ କହିଲି ଯେ, اَللّٰهُ لَا اِلٰهَ اِلَّا هُوَ اَلْحَيُّ الْقَيُّوْمُ ଏଥିରେ ହୁଜ଼ୁର ସ.ଅ ମୋର ଛାତିରେ ହାତ ମାରିଲେ ଏବଂ କହିଲେ ହେ ଅବୁ ମୁନଜ଼ିର୍ ! ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ଏହି ଜ୍ଞାନ ଲାଗି ତୁମକୁ ଅଭିନନ୍ଦନ ।

ଆଁହଜ଼ରତ ସ.ଅ ପବିତ୍ର କାଳରେ ହଜ଼ରତ ଉବେଁ ବିନ୍ କାଆବ୍ ର.ଅ ହଜ଼ରତ ତୁଫୈଲ୍ ବିନ୍ ଦୌସି ର.ଅଙ୍କୁ କୁରଆନ ପଢେଇଥିଲେ । ଦୌସି ର.ଅ ଉବେଁ ବିନ୍ କାଆବ୍ ର.ଅଙ୍କୁ ଉପହାର ସ୍ୱରୂପ ଏକ ଧନୁ ପ୍ରଦାନ କରିଥିଲେ । ରସୁଲ୍ କରୀମ ସ.ଅ କହିଲେ ତୁମେ ଏହାକୁ ତୁରନ୍ତ ଫେରସ୍ତ କରଦିଅ । ଭବିଷ୍ୟତରେ ଏଭଳି ଉପହାର ନେବାରୁ ତୁମେ ସର୍ବଦା ନିଜକୁ ନିବୃତ୍ତ ରଖିବ । ଅର୍ଥାତ୍ କୁରଆନ କରୀମ୍ ପଢେଇବା ବଦଳରେ କୌଣସି ଉପହାର ନେବା ଅନୁଚିତ । ହଜ଼ରତ ଉବେଁ ବିନ୍ କାଆବ୍ ର.ଅ ବଦର, ଓହୋଦ୍ ଏବଂ ଖନ୍ଦକ୍ ଯୁଦ୍ଧ ସମେତ ଅନ୍ୟ ସମସ୍ତ ଯୁଦ୍ଧରେ ଆଁହଜ଼ରତ ସ.ଅ ସହିତ ସାମିଲ ଥିଲେ ।

ହଜ଼ରତ ଅବୁ ବକ୍କର୍ ର.ଅ ସମୟରେ ପବିତ୍ର କୁରଆନ୍‌ର କ୍ରମସଜ୍ଜା ଏବଂ ସଂକଳନ କାର୍ଯ୍ୟ ଆରମ୍ଭ ହେଲା । ଉକ୍ତ କାର୍ଯ୍ୟ ଲାଗି ସାହାବାମାନଙ୍କୁ ନିୟୋଜିତ କରାଗଲା । ହଜ଼ରତ ଉବେଁ ବିନ୍ କାଆବ୍ ର.ଅ ସେହି ସାହାବାମାନଙ୍କର ନୀରିକ୍ଷକ ଥିଲେ । ସେ ପବିତ୍ର କୁରଆନର ଶବ୍ଦଗୁଡ଼ିକୁ କହି ଚାଲୁଥିଲେ ଏବଂ ସାହାବାମାନେ ସେହି ଶବ୍ଦାବଳୀକୁ ଲେଖି ଚାଲୁଥିଲେ । ହଜ଼ରତ ଉମର୍ ର.ଅ ନିଜର ଖିଲାଫତ୍ ଶାସନରେ ଶତାଧିକ ଉପାଦେୟ କାର୍ଯ୍ୟ କରିଥିଲେ । ତନ୍ମଧ୍ୟରୁ ମଜ୍‌ଲିସେ ଶୁରା ଅନ୍ୟତମ ଥିଲା । ଇସ୍‌ଲାମ୍ ଧର୍ମରେ

ମଜ୍‌ଲିସେ ଶୁରା ହଜ଼ରତ ଉମର୍ ର.ଅଙ୍କ ଦ୍ୱାରା ସ୍ଥାପନ ହୋଇଥିଲା । ତନ୍ମଧ୍ୟରେ ଖଜ଼ରଜ୍ ସଂପ୍ରଦାୟ ପଟୁ ହଜ଼ରତ ଉବୈ ବିନ୍ କାଆବ୍ ମଧ୍ୟ ସଦସ୍ୟ ଥିଲେ ।

ହଜ଼ରତ ଉବୈ ବିନ୍ କାଆବ୍ ସେହି ଗୁରୁଜନମାନଙ୍କ ମଧ୍ୟରୁ ଜଣେ ଅଟନ୍ତି ଯିଏ ଆଁହଜ଼ରତ ସ.ଅଙ୍କ ଠାରୁ ଆହଦୀସର (ଆଁହଜ଼ରତ ସ.ଅଙ୍କ ମୁଖ ନିସୃତବାଣୀ) ବୃହତ୍ତାଂଶ ଶୁଣିଥିଲେ । ଏହି କାରଣରୁ ଅନେକ ସାହାବାମାନେ ହଦୀସ୍‌ର ଉପଦେଶ ସଭାରେ ତାଙ୍କର ଶିଷ୍ୟତ୍ୱ ଗ୍ରହଣ କରି ନେଇଥିଲେ । ସୁତରାଂ ତାଙ୍କର ପରିଧୀୟସ୍ଥ ତାବେଇନ୍ (ସାହାବାଙ୍କ ପରବର୍ତ୍ତୀ ପିଢୀ) ମଧ୍ୟରୁ ଅଧିକାଂଶ ସାହାବାଙ୍କର ଭିଡ଼ ଜମୁଥିଲା। ସାହାବାମାନେ ମଧ୍ୟ ଉବୈ ବିନ୍ କାଆବ୍ ର.ଅଙ୍କ ଠାରୁ ହଦୀସ ଶୁଣୁଥିଲେ । ହଜ଼ରତ ଉମର ବିନ୍ ଖତ୍ତାବ୍ ର.ଅ, ହଜ଼ରତ ଅବୁ ଅୟୁବ୍ ଅନ୍‌ସାରୀ, ହଜ଼ରତ ଉବାଦାହ୍ ବିନ୍ ସାମିତ୍, ହଜ଼ରତ ଅବୁ ହୁରୈରାହ୍ ହଜ଼ରତ ଅବୁ ମୁସା ଅଶ୍‌ଅରୀ, ହଜ଼ରତ ଅନସ୍ ବିନ୍ ମାଲିକ୍, ହଜ଼ରତ ଅବଦୁଲ୍ଲାଃ ବିନ୍ ଅବ୍ବାସ୍, ହଜ଼ରତ ସହଲ୍ ବିନ୍ ସାଆଦ୍, ହଜ଼ରତ ଜୁଲ୍‌ମାନ୍ ବିନ୍ ସର୍‌ଦିୟା ଆଦିଙ୍କ ପରି ସାହାବାମାନେ ହଜ଼ରତ ଉବୈ ବିନ୍ କାଆବ୍ ର.ଅଙ୍କ ଠାରୁ ହଦିସ୍ ଜ୍ଞାନରୁ ଉପକୃତ ହେଉଥିଲେ ।

ହଜ଼ରତ ଉସମାନ୍ ର.ଅଙ୍କ କାଳରେ କୁରଆନ କରୀମରେ ରାଗ ଓ ଲୟ ବା ତାଳକୁ ନେଇ ସମଗ୍ର ଦେଶରେ ମତପାର୍ଥକ୍ୟ ଦେଖା ଦେଇଥିଲା । ଏହି କାରଣରୁ ସେ ଉକ୍ତ ମତପାର୍ଥକ୍ୟକୁ ମୂଳୋତ୍ପାଟନ ବା ଦୀରୂଭୂତ କରିବାକୁ ଚାହିଁଲେ ଏବଂ ସ୍ୱୟଂ ସାହାବାମାନଙ୍କର କିରଅତ୍ (ପଠନ ଶୈଳୀ) ମଗେଇଲେ ଏବଂ ପ୍ରତ୍ୟେକ ବ୍ୟକ୍ତି ଠାରୁ ପୃଥକ ପୃଥକ ଭାବରେ କିରଅତ୍ ଶୁଣିଲେ । ହଜ଼ରତ୍ ଉବୈ ବିନ୍ କାଆବ୍ ର.ଅ ହଜ଼ରତ ଅବ୍‌ଦୁଲ୍ଲା ବିନ୍ ଅବ୍‌ବାସ ଏବଂ ହଜ଼ରତ ମୁଆଜ୍ ବିନ୍ ଜବଲ୍ ଆଦି ସମସ୍ତଙ୍କ ପଠନ ଶୈଳୀରେ ମତଭେଦ ପରିଦୃଷ୍ଟ ହେଲା । ହଜ଼ରତ ଉସମାନ ର.ଅ ଏହା ଦେଖି କହିଲେ ଯେ, ମୁଁ ସମସ୍ତ ମୁସଲମାନମାନଙ୍କୁ କୁରଆନ୍‌ର ଗୋଟିଏ କିରଅତ୍‌ରେ ଏକତ୍ରିତ କରିବାକ ଚାହୁଁଛି । କୁରୈଶ୍ ଏବଂ ଅନ୍‌ସାର୍‌ମାନଙ୍କ ମଧ୍ୟରୁ ୧୨ ଜଣ ବ୍ୟକ୍ତି ଥିଲେ ଯେଉଁମାନଙ୍କୁ କୁରଆନ୍ କରୀମ୍ ଉପରେ ସମ୍ପୂର୍ଣ୍ଣ ଅଭିଜ୍ଞତା ରହିଥିଲା । ହଜ଼ରତ ଉସ୍‌ମାନ୍ ର.ଅ ଲୋକମାନଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ହସ୍ତାନ୍ତରିତ କଲେ ଏବଂ ହଜ଼ରତ ଉବୈ ବିନ୍ କାଆବ୍ ର.ଅଙ୍କୁ ଉକ୍ତ ମଜ୍‌ଲିସ୍‌ର ସଭାପତି ରୂପେ ନିଯୁକ୍ତ କଲେ । ହଜ଼ରତ ଉବୈ ବିନ୍ କାଆବ୍ ର.ଅ କୁରଆନର ଶବ୍ଦ କହି ଚାଲୁଥିଲେ ଏବଂ ହଜ଼ରତ ଜୈଦ୍ ର.ଅ ଲେଖି ଚାଲୁଥିଲେ । ଆଜି ଆମ ସମ୍ମୁଖରେ କୁରଆନ କରୀମ୍‌ର ଯେଉଁ ପାଣ୍ଡୁଲିପି ରହିଛି ତାହା ହଜ଼ରତ ଉବୈ ବିନ୍ କାଆବ୍ ର.ଅଙ୍କ କିରଅତ୍ ଅନୁଯାୟୀ ଅଟେ । ହଜ଼ରତ ଉବୈ ବିନ୍ କାଆବ୍ ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ଅଷ୍ଟ (୮) ରାତ୍ରରେ କୁରଆନ କରୀମ୍‌ର ଗୋଟିଏ ଦୌର ସଂପୂର୍ଣ୍ଣ କରିନିଏ ।

ହଜ଼ରତ ଉବୈ ବିନ୍ କାଆବ୍ ର.ଅଙ୍କ ଆଁହଜ଼ରତ ସ.ଅଙ୍କ ପ୍ରତି ଏତେ ପ୍ରଗାଢ଼ ପ୍ରେମ ଥିଲା ଯେ, ଆଁହଜ଼ରତ ସ.ଅ ମସ୍‌ଜିଦେ ନବୱୀର ସ୍ତମ୍ଭ ମଧ୍ୟରୁ ଖଜୁରୀର ଏକ କାଣ୍ଡ ସହିତ ଆଉଜି ଛିଡ଼ା ହୋଇ ଖୁତ୍‌ବା ଦେଉଥିଲେ । ପୁନଶ୍ଚ ଯେତେବେଳେ ଆପଣଙ୍କ ଲାଗି ମଞ୍ଚ ତିଆରି କରାଯାଇଥିଲା ଏବଂ ଆଁହଜ଼ରତ ସ.ଅ ଶୁକ୍ରବାର ଦିନ ଉକ୍ତ ମଞ୍ଚରେ ବସି ଖୁତ୍‌ବା ଦେବାକୁ ଲାଗିଲେ । ତେବେ ଉକ୍ତ ସ୍ତମ୍ଭ ମଧ୍ୟରୁ ଚିତ୍କାରର ଶବ୍ଦ ଗୁଞ୍ଜରିତ ହେଲା । ଯାହାକୁ ମସ୍‌ଜିଦ୍‌ରେ ଥିବା ସମସ୍ତ ଲୋକମାନେ ଶୁଣିଥିଲେ । ରସୁଲ୍ କରୀମ୍ ସ.ଅ ଉକ୍ତ ସ୍ତମ୍ଭ ନିକଟକୁ ଆସିଲେ ଏବଂ ତାହା ଉପରେ ନିଜ ହାତ ରଖିଲେ ଏବଂ ତାହାକୁ ନିଜ ଛାତି ସହିତ ଆଲିଙ୍ଗନ

କଲେ, ତେବେ ଉକ୍ତ ଖମ୍ବଟି ଜଣେ ନିର୍ଦ୍ଦୋଷ ଶିଶୁ ପରି କାନ୍ଦିବାକୁ ଲାଗିଲା । ଯେପରି ଶିଶୁକୁ କାନ୍ଦିବା ବେଳେ ଚୁପ୍ କରାଯାଏ ସେହିପରି ସେହି ଖମ୍ବଟିକୁ ଚୁପ୍ କରାଗଲା । ଏପର୍ଯ୍ୟନ୍ତ କି ସେ ସ୍ଥିରଚିତ୍ତ ହୋଇଗଲା ଏବଂ ତହିଁରୁ ଶବ୍ଦ ବାହାରିବା ବନ୍ଦ ହୋଇଗଲା । ପୁନଶ୍ଚ ଯେତେବେଳେ ମସ୍‌ଜିଦ୍‌କୁ ପ୍ରଶସ୍ତିକରଣ କରି ତହିଁରେ ପରିବର୍ତ୍ତନ ସୃଷ୍ଟି କରି ଦିଆଗଲା ସେତେବେଳେ ହଜ଼ରତ ଉବୈ ବିନ୍ କାଆବ୍ ର.ଅ ଉକ୍ତ ଖମ୍ବଟିକୁ ନେଇ ନେଲେ । ତାହା ତାଙ୍କ ନିକଟରେ ଏହି କାରଣରୁ ଥିଲା ଯେ, ଆଁହଜ଼ରତ ସ.ଅ ତା' ଉପରେ ଭରା ଦେଇ ଛିଡ଼ା ହେଉଥିଲା । ସୁତରାଂ ସେ ଉକ୍ତ ଖମ୍ବଟିକୁ ନିଜ ଘରକୁ ନେଇ ଆସିଥିଲେ । ଏପରିକି ସେହି ଖମ୍ବଟି ଜୀର୍ଣ୍ଣକାୟ ହୋଇଯାଇ ତାହାକୁ ଉଇ ଲାଗି ନଷ୍ଟ ହୋଇଯାଇଥିଲା । ତଥାପି ସେ ସେହି ପ୍ରେମ କାରଣରୁ ହିଁ ଉକ୍ତ ଖମ୍ବଟିକୁ ନିଜ ପାଖରେ ହିଁ ରଖିଥିଲେ ।

ରସୁଲ୍ କରୀମ୍ ସ.ଅଙ୍କ ସାହାବାମାନଙ୍କ ମଧ୍ୟରୁ ୬ ଜଣ କ୍ୱାଜ଼ି ଥିଲେ, ସେମାନେ ଯଥାକ୍ରମେ;- **ହଜ଼ରତ ଉମର୍, ହଜ଼ରତ ଅଲୀ, ହଜ଼ରତ ଅବଦୁଲ୍ଲାଃ ବିନ୍ ମସଊଦ୍, ହଜ଼ରତ ଜ଼ୈଦ୍ ବିନ୍ ସାବିତ୍, ହଜ଼ରତ ଅବୁ ମୁସା ଅଶଅରୀ, ହଜ଼ରତ ଉବୈ ବିନ୍ କାଆବ୍ ର.ଅ ।**

ହଜ଼ରତ ଉବୈ ବିନ୍ କାଆବ୍ ର.ଅ କହିଲେ ମୁଁ ଆଁହଜ଼ରତ ସ.ଅଙ୍କ ସମୟରେ ୧୦୦ ଦିନାର ପାଇଥିଲି । ହଜ଼ରତ ଉବୈ ବିନ୍ କାଆବ୍ ର.ଅ କହିବାକୁ ଲାଗିଲେ ଯେ, ଆଁହଜ଼ରତ ସ.ଅ ଆଦେଶ ଦେଇଛନ୍ତି ଯେ, ବର୍ଷ ସାରା ଲୋକମାନଙ୍କୁ ସୂଚିତ କରୁଥାଅ, ଘୋଷଣା କରିଦିଅ । ଆଉ ଏକ ବର୍ଷ ଅପେକ୍ଷା କରିବ । ଜଣେ ବ୍ୟକ୍ତି ମସ୍‌ଜିଦ୍‌କୁ ଆସି ନିଜର ହଜି ଯାଇଥିବା ବସ୍ତୁ ବିଷୟରେ ଉଚ୍ଚ ସ୍ୱରରେ ଘୋଷଣା କଲେ ଯେ, ମୋର ଅମକ ଜିନିଷ ହଜି ଯାଇଛି । ହଜ଼ରତ ଉବୈ ବିନ୍ କାଆବ୍ ର.ଅ ତାହାକୁ ଦେଖି କ୍ଷୋଭ ପ୍ରକାଶ କଲେ । କିନ୍ତୁ ମସ୍‌ଜିଦ୍ ଭିତରେ ତୁମର ଏହି କଥା ମସ୍‌ଜିଦ୍‌ର ଶିଷ୍ଟାଚାର ବିରୁଦ୍ଧୀୟ ଯେ, ମସ୍‌ଜିଦ୍‌ରେ କୌଣସି ସାଂସାରକିତା ବସ୍ତୁର ଘୋଷଣା କରାଯାଉ । ହଜ଼ରତ ଉମର୍ ର.ଅଙ୍କ ଶାସନ କାଳରେ ୩୦ ହିଜରୀରେ ଉବୈ ବିନ୍ କାଆବ୍ ର.ଅଙ୍କ ଦେହାନ୍ତ ହୋଇଥିଲା । ହଜ଼ରତ ଉବୈ ବିନ୍ କାଆବ୍ ର.ଅଙ୍କ ସନ୍ତାନମାନଙ୍କ ମଧ୍ୟରେ ତୁଫୈଲ୍ ଓ ମୁହମ୍ମଦ୍ ଥିଲେ ଏବଂ ଏମାନଙ୍କ ମାତାଙ୍କ ନାମ ଉମ୍ମେ ତୁଫୈଲ୍ ଥିଲା । ତାଙ୍କର ସଂପର୍କ ଦୌସ୍ ସଂପ୍ରଦାୟ ସହିତ ଥିଲା । ହଜ଼ରତ ଉବୈ ବିନ୍ କାଆବ୍ ର.ଅଙ୍କ ପୁତ୍ରୀଙ୍କ ନାମ ଉମ୍ମେ ଉମ୍ରୋ ବର୍ଣ୍ଣିତ ହୋଇଛି । ଏଠାରେ ତାଙ୍କର ଆଲୋଚନା ସମାପ୍ତ ହେଲା ।

---

**ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଇନୁହୁ ୱନସ୍‌ତଗ୍‌ଫିରୁହୁ ୱନୁମିନୁ ବିହି ୱନତୱକ୍‌କଲୁ ଅଲୈ ୱ ନଉଜ଼ୁ ବିଲ୍ଲାହି ମିନ୍ ଶୁରୁରି ଅନ୍‌ଫୁସିନା ୱମିନ୍ ସଇଆତି ଆମାଲିନା ମଇଁ ୟହ୍‌ଦିହିଲ୍ଲାହୁ ଫଲା ମୁଜ଼ିଲ୍ଲା ଲହୁ ୱମଇଁ ୟୁଜ଼୍‌ଲିଲ୍‌ହୁ ଫଲା ହାଦିୟା ଲହୁ ୱନଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହିମକୁମୁଲ୍ଲାହି ଇନ୍ନଲ୍ଲାହା ୟାମୁରୁ ବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜ଼ିଲ୍ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜ଼ୁକୁମ୍ ଲାଅଲ୍‌ଲକୁମ୍ ତଜ଼କ୍ କରୁନା ଉୟ୍‌କୁରୁଲ୍ଲାହ୍ ୟଜ୍‌କୁରୁକୁମ୍ ୱଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ୱଲଜ଼ିକରୁଲ୍ଲାହି ଅକ୍‌ବର୍ ।**

KHULASA KHUTBA JUMA HUZOOR ANWAR a.b.a

16th Oct 2020

........................